**ଡକାୟତଙ୍କୁ ପଥରରେ ଛେଚି ହତ୍ୟା**

ଅନୁଗୋଳ,(ଅଫିସ): ଅନୁଗୋଳ ସହର ଉପକଣ୍ଠ ଡେରେଜାଙ୍ଗ ଡ୍ୟାମଠାରେ ଶନିବାର ରାତିରେ ରନ୍ତଲେଇ ଗ୍ରାମର ଜଗନ ସେନାପତିଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଜଗନ ଜଣେ କୁଖ୍ୟାତ ଡକାୟତ ବୋଲି ପୋଲିସ କହିଛି। ରାତି ପ୍ରାୟ ୯ଟାରେ ଏହି ହତ୍ୟାକାଣ୍ଡ ହୋଇଥିବା ଜଣାପଡ଼ିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ ସହ ଘଟଣାର ତଦନ୍ତ କରୁଛି।

## ଆଜି କ'ଣ କେଉଁଠି

ବଅଁରପାଳ
- ମା' ଗ୍ରାମଦେବୀଙ୍କ ପୂଜା ଉତ୍ସବ, ସ୍ଥାନ: କୁଲାଡ଼। ସମୟ: ଅପରାହ୍ନ ୧ଟା।

## ଦୁର୍ଘଟଣାରେ ଠିକା କର୍ମଚାରୀ ମୃତ, ଉତ୍ତେଜନା

**ଢେଙ୍କାନାଳ ଅଫିସ, ୧୮।୯:** ଢେଙ୍କାନାଳ ଜିଲା କଣ୍ଟାବଣିଆରେ ପ୍ରତିଷ୍ଠିତ ଟାଟାଷ୍ଟିଲ୍ ବିଏସ୍ଏଲ୍ କମ୍ପାନୀରେ କାର୍ଯ୍ୟରତ ଜଣେ ଠିକା କର୍ମଚାରୀଙ୍କ ଦୁର୍ଘଟଣାରେ ମୃତ୍ୟୁକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। କ୍ଷତିପୂରଣ ଦାବିରେ ଠିକାସଂସ୍ଥାର କର୍ମଚାରୀ, ମୃତକଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ କାରଖାନା ଫାଟକ ସମ୍ମୁଖ ୫୫ନଂ. ଜାତୀୟ ରାଜପଥ ଉପରେ ମୃତଦେହ ରଖି ଧାରଣା ଦେଇଥିଲେ। ସୂଚନାଯୋଗ୍ୟ, କମ୍ପାନୀର ଠିକାସଂସ୍ଥା ଅଧୀନରେ କାର୍ଯ୍ୟରତ ଗଣେଶ୍ୱର ସାହୁ ଶୁକ୍ରବାର ବିଶ୍ୱକର୍ମା ପୂଜା ସାରି ସାଇକେଲରେ ଘରକୁ ଫେରୁଥିବାବେଳେ ଜାତୀୟ ରାଜପଥର ରେଲୱେ ଓଭରବ୍ରିଜ୍ ନିକଟରେ ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମେରାମଣ୍ଡଳୀ ଏବଂ ପରେ ଅନୁଗୋଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ କରାଯାଇଥିବା ସୂଚନା ପାଇ କଣ୍ଟାବଣିଆ ପୋଲିସ, ଠିକାସଂସ୍ଥା ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ୧ଲକ୍ଷ ୧୦ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବା ପରେ ରାସ୍ତାରୋକୋ ହଟିଥିଲା। ଏ ନେଇ ନଂ. ୧୦୦/୨୧ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସବିତା ପାତ୍ର ସୂଚନା ଦେଇଛନ୍ତି।

## ହାତୀ ଆକ୍ରମଣରେ ୪ ଗୁରୁତର

**ଗଁଦିଆ, ୧୮।୯:** ଗଁଦିଆ ବ୍ଲକ କରମୂଳ ଗ୍ରାମରେ ଶନିବାର ରାତି ପ୍ରାୟ ୮ଟାରେ ହାତୀ ଆକ୍ରମଣରେ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଖଣ୍ଡିଆ ତରାଇ, ଆର୍ତ୍ତ ମଲ୍ଲିକ, ବିକଳ ମଲ୍ଲିକ ଏବଂ ପ୍ରକାଶ ମଲ୍ଲିକ। ସେମାନେ ଧାନ ବିଲକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ସମସ୍ତଙ୍କୁ କରମୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଦେବା ସତ୍ତ୍ୱେ ବନ କର୍ମଚାରୀ ହାତୀ ଘଉଡ଼ାଇବାକୁ ନ ଆସିବାରୁ ଚାପା ଉତ୍ତେଜନା ଦେଖାଦେଇଥିଲା। ଡିଏଫ୍ଓଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ କର୍ମଚାରୀ ପହଞ୍ଚି ହିଂସ୍ର ହାତୀକୁ ଘଉଡ଼ାଇଥିଲେ। ହାତୀ ଉପଦ୍ରବରୁ ଧନଜୀବନର ସୁରକ୍ଷା ଲାଗି ସ୍ୱତନ୍ତ୍ର କର୍ମଚାରୀ ନିୟୋଜିତ କରିବାକୁ ଶ୍ରୀନିବାସ ମଲ୍ଲିକ, ମହେଶ୍ୱର ବୋଇତେଇ, ଦତ୍ତ ବୋଇତେଇ, ବିଦ୍ୟାଧର ବୋଇତେଇ, ହରିଣ୍ୟ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

## ୪ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୧୮।୯:** ଢେଙ୍କାନାଳ ଜିଲାରୁ ଶନିବାର ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୯ ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୨, ଭୁବନ ବ୍ଲକର ୧ ଏବଂ ଗଁଦିଆ ବ୍ଲକର ଜଣେ ରହିଛନ୍ତି। ଜିଲାରେ ସକ୍ରିୟ ମାମଲା ୬୭କୁ ହ୍ରାସ ପାଇଥିବାବେଳେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୨ରେ ସ୍ଥିର ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମନୋରମା ମହାପାତ୍ରଙ୍କ ପରଲୋକରେ ଶୋକ

**ଢେଙ୍କାନାଳ ଅଫିସ୍, ୧୮।୯:** ସୁସାହିତ୍ୟିକା, ଶିକ୍ଷାବିତ୍ ତଥା ଗଣମାଧ୍ୟମ ଜଗତରେ ସୁପରିଚିତ ଚେହେରା ମନୋରମା ମହାପାତ୍ରଙ୍କ ଶନିବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ ଢେଙ୍କାନାଳ ରାଧାନାଥ ରଥ ଫାଉଣ୍ଡେଶନ୍ ପକ୍ଷରୁ ଶୋକ ପ୍ରକାଶ ପାଇଛି। ମନୋରମାଙ୍କ ବିୟୋଗ ସାହିତ୍ୟଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଅନୁଷ୍ଠାନର ଅଧକ୍ଷ ତଥା ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ କର୍ମକର୍ତ୍ତାମାନେ ମନୋରମାଙ୍କ ସାହିତ୍ୟିକ କୃତିର ସ୍ମୃତିଚାରଣ କରିଥିଲେ।

## ଦୁର୍ଘଟଣାରେ ସରପଞ୍ଚ ଗୁରୁତର

**ଅନୁଗୋଳ ଅଫିସ,୧୮।୯:** ଅନୁଗୋଳ ଜିଲା କଞ୍ଚରା ସରପଞ୍ଚ ବିଶ୍ୱରଞ୍ଜନ ସାହୁ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯାଇଛି। କଞ୍ଚରା ଗାଁରେ ଭସାଣି ଉତ୍ସବ ଚାଲିଥିବା ସମୟରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଟାଟା ଏସିଇକୁ ଧକ୍କା ଦେଇଥିଲା। ଫଳରେ ସରପଞ୍ଚ ସାହୁଙ୍କ ଉପରେ ଗାଡି ମାଡ଼ି ଯାଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ମହିଷାପାଟ ପଡ଼ିଆରେ ମଡେଲ ବସ୍‌ଷ୍ଟାଣ୍ଡ

- ସବୁଜ ସଙ୍କେତ ପରେ ନିର୍ମାଣ ପ୍ରକ୍ରିୟା ଆରମ୍ଭ
- ଆରଟିଓଙ୍କ ଉପସ୍ଥିତିରେ ମାପଚୁପ ହେଲା ଜମି

**ଢେଙ୍କାନାଳ ଅଫିସ, ୧୮।୯**

ଆରମ୍ଭ ହୋଇଛି ଢେଙ୍କାନାଳ ଜିଲାବାସୀଙ୍କ ବହୁ ପ୍ରତୀକ୍ଷିତ ମହିଷାପାଟ ନୂତନ ମଡେଲ ବସ୍‌ଷ୍ଟାଣ୍ଡର ନିର୍ମାଣ ପ୍ରକ୍ରିୟା। ଏହି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଏବଂ ବସ୍ ଟର୍ମିନାଲ ପାଇଁ ଶନିବାର ଜମି ମାପଚୁପ କରାଯାଇଛି। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ)ଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

ପ୍ରସ୍ତାବିତ ମଡେଲ ବସ୍‌ଷ୍ଟାଣ୍ଡ ପାଇଁ ସହରରେ ୩ ସ୍ଥାନରେ ଜାଗା ଚିହ୍ନଟ କରାଯାଇଥିଲା। ତେବେ ମହିଷାପାଟ ପଡ଼ିଆକୁ ଚୂଡ଼ାନ୍ତ ସବୁଜ ସଙ୍କେତ ମିଳିଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଏଥିଲାଗି ଗତ ଅଗଷ୍ଟରେ ଅନୁମୋଦନ ଦେଇଥିଲେ। ଏହାପରେ ଉକ୍ତ ଜମି ପଟ୍ଟା ସ୍ୱତାଧିକାର ଆର୍‌ଟିଓଙ୍କ ନାମରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପଟ୍ଟା ସମ୍ପର୍କରେ ନିଷ୍ପତ୍ତି ହୋଇପାରୁ ନ ଥିବାରୁ ଏହି କାର୍ଯ୍ୟରେ ବିଳମ୍ବ ହେଉଥିଲା। ଆବଶ୍ୟକ କାଗଜପତ୍ର କାମ ଶେଷ ହେବା ପରେ ବସ୍‌ଷ୍ଟାଣ୍ଡ ପାଇଁ ଉଦ୍ଦିଷ୍ଟ ୫ ଏକର ଜାଗାକୁ ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମାଝିଙ୍କ ଉପସ୍ଥିତିରେ ଶନିବାର ସଦର ଆର୍‌ଆଇ ବରୁଣ କୁମାର ଜେନା ଓ କର୍ମଚାରୀମାନେ ମାପଚୁପ କରିଛନ୍ତି।


ବସ୍‌ଷ୍ଟାଣ୍ଡ ପାଇଁ ତହସିଲ ପକ୍ଷରୁ ଜମି ମାପଚୁପ କରାଯାଉଛି।

ଭୁବନେଶ୍ୱର ବରମୁଣ୍ଡା ଅତ୍ୟାଧୁନିକ ବସ୍ ଟର୍ମିନାଲ ଭଳି ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବ। ଯାତ୍ରୀଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ ରହିବ। କଟକ, ଅନୁଗୋଳରୁ ଆସୁଥିବା ଯାତ୍ରୀବାହୀ ବସ୍ ଚଳାଚଳ ପାଇଁ ଦୁଇଟି ଫାଟକ ବ୍ୟବସ୍ଥା କରାଯିବାକୁ ନକ୍ସା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଓଡ଼ିଶା ରାଜ୍ୟ ପରିବହନ ନିଗମ (ଓଏସ୍ଆର୍‌ଟିସି) ବ୍ୟୟ ଅଟକଳ ଚୂଡ଼ାନ୍ତ କରିବେ। ଓଏସ୍ଆର୍‌ଟିସିର ଅଧିକାରୀମାନେ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରି ସାରିଥିବା ଆର୍‌ଟିଓ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମହିଷାପାଟ ପଡ଼ିଆରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣର ଯୋଜନା ପ୍ରସ୍ତୁତ ହୋଇଥିଲା। ହେଲେ ଏହା କେବଳ ଫାଇଲରେ ସୀମିତ ରହିଥିଲା। ପରବର୍ତ୍ତୀ ସମୟରେ ଜିଲା ଆଞ୍ଚଳିକ ଉନ୍ନୟନ ସଂସ୍ଥା ପକ୍ଷରୁ ଉକ୍ତ ଜାଗାକୁ ଏକ ଠିକାସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ବିବାଦ ଉପୁଜିବାରୁ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ୨୦୦୪ରେ ପୌରସଂସ୍ଥା ପକ୍ଷରୁ ମହିଷାପାଟ ପଡ଼ିଆରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିସହିତ ଯାତ୍ରୀ ବିଶ୍ରାମାଗାର ଶୌଚାଳୟ ନିର୍ମାଣ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ବିଭିନ୍ନ କାରଣରୁ ପ୍ରକଳ୍ପ ଆଗେଇ ପାରି ନ ଥିଲା। ଧୀରେ ଧୀରେ ମହିଷାପାଟ ପଡ଼ିଆ ସାଜିଥିଲା ଅସାମାଜିକଙ୍କ ପେଣ୍ଠସ୍ଥଳୀ। ହେଲେ ଜିଲାବାସୀଙ୍କୁ ଉନ୍ନତମାନର ବସ୍‌ସେବା ଯୋଗାଇ ଦେବାକୁ ମହିଷାପାଟ ପଡ଼ିଆରେ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ୫ ଏକର ଜାଗା ଚିହ୍ନଟ କରାଯାଇଛି। ଅପରପକ୍ଷେ କିଛିବର୍ଷ ହେଲା ମହିଷାପାଟ ପଡ଼ିଆରେ ଗଣପର୍ବ ଲକ୍ଷ୍ମୀପୂଜା ଉପଲକ୍ଷେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଉଥିଲା। ଏବେ ମେଳା ଆୟୋଜନ ଲାଗି ପଡ଼ିଆ ନିକଟବର୍ତ୍ତୀ ଅଞ୍ଚଳରେ ୩ ଏକରରୁ ଊର୍ଦ୍ଧ୍ୱ ଜମି ତହସିଲ ପକ୍ଷରୁ ଚିହ୍ନଟ କରାଯାଇଛି।

# କୋରାପୁଟରୁ ସାକ୍ଷ୍ୟ ଦେଲେ ଡାକ୍ତର

**ଭିସିରେ ମାମଲା ପରିଚାଳନା**

**ଢେଙ୍କାନାଳ ଅଫିସ, ୧୮।୯**

ଢେଙ୍କାନାଳର ସ୍ୱତନ୍ତ୍ର ମହିଳା ଅଦାଲତ ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍‌ଙ୍କ କୋର୍ଟରେ ଶନିବାର ଭିଡିଓ କନ୍‌ଫରେନ୍ସ (ଭିସି)ରେ ହୋଇଛି ସାକ୍ଷ୍ୟ ଗ୍ରହଣ। ସୁଦୂର କୋରାପୁଟ ଜିଲାରୁ ଜଣେ ଡାକ୍ତର ସାକ୍ଷ୍ୟ ପ୍ରଦାନ କରିଛନ୍ତି। ପୂର୍ବରୁ ଉଚ୍ଚ ନ୍ୟାୟାଳୟରେ ମାମଲାର ଶୁଣାଣି ପାଇଁ ଭିସି ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ କରାଯାଉଥିବାବେଳେ ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଅଦାଲତରେ ପ୍ରଥମ ଥର ପାଇଁ ଏଭଳି ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରାଯାଇଛି। କୋଭିଡ୍ ସମୟରେ କୋରାପୁଟରେ କାର୍ଯ୍ୟରତ ସମ୍ପୃକ୍ତ ଡାକ୍ତର ଢେଙ୍କାନାଳ ଆସିବା ସମ୍ଭବପର ହେଉ ନ ଥିବାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଭିସି ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ କରାଯାଇଥିବା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୂର୍ଯ୍ୟନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୧ରେ ସଦର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପୀଡ଼ିତାଙ୍କୁ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରର ସରକାରୀ ଡାକ୍ତର ଶିବସାଇ ସ୍ୱରୂପ ଚିକିତ୍ସା କରିଥିଲେ। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୩୬୫/୧୧, ଦଫା ୩୦୭, ୩୨୬, ୨୯୪, ୩୫୪ (ବି), ୨୫ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଥିଲା। ଡାକ୍ତର ଶିବସାଇ ଏବେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ କାର୍ଯ୍ୟରତ ଅଛନ୍ତି। ତେଣୁ ଢେଙ୍କାନାଳ ଆସି ସାକ୍ଷ୍ୟ ଦେବା କଷ୍ଟକର ଥିଲା। ବିକଳ୍ପ ସ୍ୱରୂପ ଭିସି ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ମାମଲାର ସିଟି ସେସନ୍ସ କେସ୍ ନଂ. ୧୧୪/୧୩ ଅନୁଯାୟୀ ଢେଙ୍କାନାଳ ସ୍ୱତନ୍ତ୍ର ମହିଳା ଅଦାଲତ ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଅଦାଲତର ବିଚାରପତି ସାବିତ୍ରୀ ନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଡାକ୍ତର ଶିବସାଇଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ। ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୂର୍ଯ୍ୟନାରାୟଣ ତ୍ରିପାଠୀ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଦୁର୍ଗାପ୍ରସାଦ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ସାରଙ୍ଗଧର ଥିଲେ ସ୍ୱାଭିମାନୀ ମଣିଷ


ସଂଗ୍ରାମୀ ସାରଙ୍ଗଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୮।୯**

ଢେଙ୍କାନାଳ ସାରଙ୍ଗଧର ଦାସ ସ୍ମୃତି ସଂସଦ ଓ ବଜରଙ୍ଗ କ୍ଲବ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ୬୪ତମ ଶ୍ରାଦ୍ଧବାର୍ଷିକୀ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀବଳରାମ ମନ୍ଦିର ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ, ସଂସଦର ସଭାପତି ଯୋଗେନ୍ଦ୍ରନାଥ ତ୍ରିପାଠୀ, ପ୍ରଦ୍ୟୁମ୍ନ ରଥ, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଅଖିଳ ମହାପାତ୍ର, ବିଶ୍ୱନାଥ ମହାପାତ୍ର, ଜୟପ୍ରକାଶ ତ୍ରିପାଠୀ, ବାବୁଲି ସିଂ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସାରଙ୍ଗଧର ଥିଲେ ଜଣେ ସ୍ୱାଭିମାନୀ ମଣିଷ। ଢେଙ୍କାନାଳର ବିକାଶରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତପ୍ରକାଶ ପାଇଥିଲା।

ସେହିପରି ସଦର ବ୍ଲକ ହରେକୃଷ୍ଣପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ସାରଙ୍ଗଧରଙ୍କ ଭଣଜା ନରୋତ୍ତମ ଦାସଙ୍କ ପୁଅ ହରିଶ୍ଚନ୍ଦ୍ର ଦାସ ପିଣ୍ଡଦାନ କରିଥିଲେ। ଗ୍ରାମରେ ଥିବା ୪୦ଫୁଟ ଉଚ୍ଚ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯିବା ସହ ନୂତନ ଧ୍ୱଜ ଲଗାଯାଇଥିଲା। ଟ୍ରଷ୍ଟ ବୋର୍ଡ ସଭ୍ୟ ଯୋଗେନ୍ଦ୍ରନାଥ ତ୍ରିପାଠୀ, ଜିଲା ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ଉପସଭାପତି ଅଖିଳ ମହାପାତ୍ର, ଜୟପ୍ରକାଶ ତ୍ରିପାଠୀ, ବାବୁଲି ସିଂ, ସାମାଜିକକର୍ମୀ ଅନ୍ନଦା ଶଙ୍କର ପତି, ଚିତ୍ତରଞ୍ଜନ ପୁହାଣ, ସ୍ମୃତିସ୍ଥଳ ତତ୍ତ୍ୱାବଧାରକ କିଶୋରୀ ବେହେରା, ଅନନ୍ତ ସାମଲ, ଟ୍ରଷ୍ଟବୋର୍ଡ ସମ୍ପାଦକ କୁନା ଦଳେଇ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପୁଣ୍ୟତିଥିରେ ସ୍ମୃତିଚାରଣ

**ଗଁଦିଆ, ୧୮।୯**

ଢେଙ୍କାନାଳ ମାଟିର ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ସାରଙ୍ଗଧର ଦାସଙ୍କ ପୁଣ୍ୟତିଥି ଗଁଦିଆଠାରେ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗଁଦିଆ ଥିଙ୍କର୍ସ ଫୋରମ୍' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସରୋଜ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ତଥା ପୂର୍ବତନ ଅତିରିକ୍ତ ସଚିବ ଶରତ କୁମାର ମହାପାତ୍ର, ଆମନ୍ତ୍ରିତ ଅତିଥି ଭାବେ ଓଡ଼ିଆ ଭାଷା ଆନ୍ଦୋଳନର ଆବାହକ ପବିତ୍ର କୁମାର ମହାରଥା ଯୋଗଦେଇ ସାରଙ୍ଗଧରଙ୍କ ତୈଳଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଜଣେ ବିଶାଳ ବ୍ୟକ୍ତିତ୍ୱ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ମହାପାତ୍ର ନିଜ ବକ୍ତବ୍ୟରେ କହିଲେ ସଂଗ୍ରାମୀ ସାରଙ୍ଗଧରଙ୍କ ପ୍ରତିଭାକୁ ଉପେକ୍ଷା କରାଯାଇଛି। ତାଙ୍କ ଅନାଲୋଚିତ ଅଧ୍ୟାୟକୁ ଆବିଷ୍କାର କରିବା ଲାଗି ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ସ୍ୱର୍ଗତ ଦାସଙ୍କ ଆବର୍ତ୍ତମାନରେ ତାଙ୍କ ପରିଚୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ସଂକଳ୍ପ ନେବାକୁ ଓଡ଼ିଆ ଭାଷା ଆନ୍ଦୋଳନର ଆବାହକ ନିବେଦନ କରିଥିଲେ।

ଅନୁଷ୍ଠାନର ସଭାପତି ସୁବ୍ରତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଆଶିଷ ରଞ୍ଜନ ସାହୁ, ବିଡିଓ ନେତ୍ରାନନ୍ଦ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ ସିଂ, ସରପଞ୍ଚ ଶୁଭଦର୍ଶିନୀ ପରିଡ଼ା, ଜିଲା ଲେଖକ ସଂସଦ ସଭାପତି ଭିକାରି ଚରଣ ରାଉତ, ସମ୍ପାଦକ ବସନ୍ତ ପଟ୍ଟନାୟକ, କୋଷାଧ୍ୟକ୍ଷ କାଳିନ୍ଦୀ ସାହୁ, ପ୍ରଦୀପ ରାଉତ, ଉପେନ୍ଦ୍ର ରାଉତ, ବ୍ଲକ ଲେଖକ ସଂସଦ ସଭାପତି ବୁଦ୍ଧଦେବ ପ୍ରଧାନ, ଗୋଲକ ନାୟକ, ବିପିନ ସିଂ, ଦଣ୍ଡଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ରାଘବ ଚନ୍ଦ୍ର ମହାରଣା ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିମାନେ।

# ୪୭ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ


ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ଏବଂ ହୁଇଲ୍ ଚେୟାର ବଣ୍ଟନ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୮।୯**

ଢେଙ୍କାନାଳ ସହର ଗୋପବନ୍ଧୁ ଟାଉନହଲ୍ ପରିସରରେ ଶନିବାର ୪୭ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ଏବଂ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ସ୍ୱେଚ୍ଛାସେବୀ ସଂସ୍ଥା 'ଇଡିଅଟ୍' ପକ୍ଷରୁ ପ୍ରଦତ୍ତ ସହାୟକ ଉପକରଣକୁ ଜୀବେଦୟା ଫାଉଣ୍ଡେଶନର ସଦସ୍ୟମାନେ ଉପସ୍ଥିତ ରହି ବଣ୍ଟନ କରିଥିଲେ।

ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଜୀବନଧାରଣମାନରେ ଉନ୍ନତି ଆଣିବା ଲାଗି ରାଜ୍ୟ ସରକାର ବିବିଧ ପଦକ୍ଷେପ ନେଇଛନ୍ତି। ଚିକିତ୍ସା ଆବଶ୍ୟକ କରୁଥିବା ଭିନ୍ନକ୍ଷମଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ସହାୟତା ଯୋଗାଇ ଦିଆଯାଉଥିବା ଜିଲାପାଳ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦାଶ, ଏନ୍‌ଟିପିସି କଣିହାଁର ଏଜିଏମ୍ ରଫିକ୍ ଉଲ୍ ଇସଲାମ, ଏନ୍‌ଟିପିସି ସାମାଜିକ ଦାୟିତ୍ୱବୋଧ ଅଧିକାରୀ ଭୀଷ୍ମଦେବ ନାୟକ, ସମଗ୍ର ଶିକ୍ଷା ଅନ୍ତର୍ନିହିତ ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଭତ୍ତା ଯୋଜନାରେ ସାମିଲ ହେବା, ସରକାରୀ ସୁବିଧା ସୁଯୋଗର ଲାଭ ଉଠାଇବାକୁ ନିବେଦନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ବିପିନ ବିହାରୀ ଶତପଥୀ, ନିର୍ଦ୍ଦେଶକ ଶିଶିର ଶତପଥୀ, 'ଇଡିଅଟ୍' ଅନୁଷ୍ଠାନର ସରୋଜ କୁମାର ଶତପଥୀ, ଉପାଧ୍ୟକ୍ଷ ସୁଶାନ୍ତ ପଣ୍ଡା, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ହୋତା, ବାବୁଲି ଭୋଇ, ଶିଶିର ପାଣି, ସୁକାନ୍ତି ବେହେରା, ସ୍ୱାଗତିକା ଶତପଥୀ, ରିତିକ ରଞ୍ଜନ ପଣ୍ଡା, ଓଡ଼ାପଡ଼ା ବିଆର୍‌ଟି ମମତା ବେହେରା, ଗଁଦିଆ ବିଆର୍‌ଟି ବିଜୟ ସ୍ୱାଇଁ, ଢେଙ୍କାନାଳ ବିଆର୍‌ଟି ଇତିଶ୍ରୀ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନୂତନ କର୍ମକର୍ତ୍ତା ଚୟନ


ମୁନା ସାମଲ।


ସଚ୍ଚିଦାନନ୍ଦ ଗଡ଼ନାୟକ।

**ବଅଁରପାଳ,୧୮।୯(ଡି.ଏନ.ଏ.)**

ଭାରତୀୟ ମଜ୍‌ଦୁର ସଙ୍ଘ ଦ୍ୱାରା ସହବନ୍ଧିତ ନାଲ୍‌କୋ ଆଲୁମିନିୟମ ମଜ୍‌ଦୁର ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ସଚ୍ଚିଦାନନ୍ଦ ଗଡ଼ନାୟକ, ସାଧାରଣ ସମ୍ପାଦକ ଭାବେ ମୁନା ସାମଲଙ୍କୁ ଚୟନ କରାଯାଇଛି। ଉପସଭାପତି ଭାବେ ସୁବାସ ଚନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ଖଗେଶ୍ୱର ଭୂତିଆ, କୋଷାଧ୍ୟକ୍ଷ ଭାବେ ଶିବରାମ ସେଠୀ ଚୟନ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ବରୁଣ ବେହେରା, ଜ୍ୟୋତିରଞ୍ଜନ ଦାସ, ରାଜେନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ବେହେରା, ପ୍ରାର୍ଥସାରଥୀ ମିଶ୍ର, ଆଶୁତୋଷ ରଥ, ପ୍ରକାଶ ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଛି। ଏହି ଅବସରରେ ବିଏମ୍ଏସ୍‌ର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡାଙ୍କ ସଭାପତିତ୍ୱରେ ନାଲ୍‌କୋ ଏଏମ୍ଏସ୍ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏମ୍ଏସ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ ବିନୟ ସିହ୍ନା, ରାଜ୍ୟ ସାଧାରଣ ସମ୍ପାଦକ ବିନୟ ତ୍ରିପାଠୀ, ଜାତୀୟ ସମ୍ପାଦକ ସଚ୍ଚିଦାନନ୍ଦ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସଂଘର ସମସ୍ୟା ସହ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିବା ରାଜ୍ୟ ସାଧାରଣ ସମ୍ପାଦକ ବିନୟ ତ୍ରିପାଠୀ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ଉଜ୍ଜୀବିତ ହେବ ଲୁପ୍ତ ସଂସ୍କୃତି

- ଦୀର୍ଘ ବର୍ଷ ପରେ ଆରମ୍ଭ ହେବ ପାଇକ ଆଖଡ଼ା
- ଜୟ ମା' ଦୁର୍ଗା ପୂଜା କମିଟିର ଅଭିନବ ପ୍ରୟାସ

**କାମାକ୍ଷାନଗର, ୧୮।୯(ଡି.ଏନ୍.ଏ.)**

ପାଇକଙ୍କ କଳାକୌଶଳ ପ୍ରଦର୍ଶନରେ ପୁଣି ଥରେ କମ୍ପିବ ଆଖଡ଼ା ଶାଳା। ରୋମନ୍ଥନ ହେବ ବ୍ରିଟିଶ ଶାସନ ସମୟରେ ବୀର ପାଇକ ଦେଇଥିବା ରଣହୁଙ୍କାରର ସ୍ମୃତି। ଦୀର୍ଘ ବର୍ଷ ହେବ ବନ୍ଦ ହୋଇଯାଇଥିବା ଭୈରବଙ୍କ ପୂଜା ମଧ୍ୟ ଆରମ୍ଭ ହେବ ନୂଆ ଢଙ୍ଗରେ। ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା କ୍ଷତ୍ରିୟବସତିରେ ଲୁପ୍ତ ହୋଇଯାଇଥିବା ପୁରାତନ ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରିବାକୁ ଯୁବଗୋଷ୍ଠୀ ଆରମ୍ଭ କରିଛନ୍ତି ଏଭଳି ଅଭିନବ ପ୍ରୟାସ। ଅଞ୍ଚଳର ଯୁବକମାନେ ଏକାଠି ହୋଇ 'ଜୟ ମା' ଦୁର୍ଗା ପୂଜା କମିଟି' ନାମରେ ଏକ ସାଂସ୍କୃତିକ ଅନୁଷ୍ଠାନ ଗଢ଼ି ଦୁର୍ଗାପୂଜା ଆୟୋଜନ କରିବାକୁ ନେଇଛନ୍ତି ସଂକଳ୍ପ। ଦଶଭୁଜାଙ୍କ ଆବାହନଠାରୁ ଦୈନନ୍ଦିନ ପାଇକ ଖେଳ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଭୈରବ ପୂଜା ଏବଂ ଉଚ୍ଚକୋଟୀର ପାଇକ ଖେଳ ପାଇଁ ଏକଦା ସୁନାମ ଅର୍ଜନ କରିଥିଲା କାମାକ୍ଷାନଗର ଉପଖଣ୍ଡ। ବିଶେଷ କରି କାନପୁରରେ ଗଢ଼ି ଉଠିଥିବା କ୍ଷତ୍ରିୟବସତିରେ ପ୍ରତିଦିନ ସନ୍ଧ୍ୟାରେ ଆଖଡ଼ା ଘରେ ଗୁରୁଙ୍କଠାରୁ ଶିଷ୍ୟମାନେ ଶିଖୁଥିଲେ ପାଇକ ଆଖଡ଼ାର ବିଭିନ୍ନ କଳାକୌଶଳ। ଯାନିଯାତ୍ରା, ମେଳା ମହୋତ୍ସବରେ ଏହି ସାମରିକ ଖେଳ ପ୍ରଦର୍ଶନ କରି ସେମାନେ ସାଉଁଟୁଥିଲେ ପ୍ରଶଂସା। ହେଲେ ଦୀର୍ଘଦିନ ହେଲା ଏହା ବନ୍ଦ ହୋଇଯାଇଛି। ତେବେ ଅଞ୍ଚଳର ଲୁପ୍ତପ୍ରାୟ ପାଇକ ଖେଳକୁ ପୁନର୍ଜୀବିତ କରାଇବା ପାଇଁ 'ଜୟ ମା ଦୁର୍ଗା ପୂଜା କମିଟି'ର ସଦସ୍ୟମାନେ ଆଗକୁ ଆସିଛନ୍ତି। ଶନିବାର ମା'ଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ଲାଗି ଶୁଭମାଟି ଅନୁକୂଳ କରାଯାଇଛି। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଏକ ଶୋଭାଯାତ୍ରାରେ ରେକୁଲା ନିକଟ ରାମିଆଳ ନଦୀକୂଳରେ ପୂଜାର୍ଚ୍ଚନା କରି ମାଟି ଆଣିଥିଲେ। ସ୍ଥାନୀୟ ଉପଜିଲାପାଳ, ପୋଲିସ ପ୍ରଶାସନର ଅନୁମତିରେ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପୂଜାକାର୍ଯ୍ୟ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସଭାପତି ସଞ୍ଜୟ କୁମାର ରାଉତ ସୂଚନା ଦେଇଛନ୍ତି।


ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି।

ନବଗଠିତ କମିଟିରେ ସମ୍ପାଦକ ଭାବେ ନିହାରକାନ୍ତ ରାଉତ, ସହ ସମ୍ପାଦକ ନରହରି ରାଉତ, ସଭ୍ୟ ମନୋଜ ରାଉତ, ନିର୍ମଳ ମହାନ୍ତି, ବାନାର୍ଜୀ ମହାନ୍ତି, ରଙ୍ଗାଧର ରାଉତ, ହେମନ୍ତ ରାଉତ, ପ୍ରଶାନ୍ତ ରାଉତ ଚୟନ ହୋଇଛନ୍ତି। ସେହିପରି ନିଖିଳ ଉତ୍କଳ ପାଇକ ସଂଘ ଉପସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ଶ୍ରୀରାମ ରାଉତ, ଦୀନେଶ ରାଉତ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି।

ଧରିତ୍ରୀ
DHARITRI
ରବିବାର, ୧୯ ସେପ୍ଟେମ୍ବର, ୨୦୨୧



## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

ଅନୁଗୋଳ ଅଫିସ, ୧୮।୯- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ସାପ କାମୁଡ଼ା ରୋଗୀଙ୍କର ମୃତ୍ୟୁ ହୋଇଛି। ସେ ହେଲେ କଣିହାଁ ଥାନା ବିଜିଗୋଳ ଗ୍ରାମର ନବ ବେହେରା(୪୭) ବୋଲି ମେଡିକାଲ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ଅନୁଗୋଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ନବ ଶୁକ୍ରବାର ରାତିରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ତାଙ୍କୁ ପ୍ରଥମେ କଣିହାଁ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଶନିବାର ମଧ୍ୟାହ୍ନ ୧୨ଟାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ପାଇପ୍ ଚୋରି, ୪ ଗିରଫ

ପବିତ୍ରନଗର,୧୮।୯(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ପରାବିଲଠାରେ ଚାଲୁଥିବା ରେଲୱେ ନିର୍ମାଣ କାର୍ଯ୍ୟସ୍ଥଳରୁ ପାଇପ୍ ଚୋରି ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପରାବିଲ ଗ୍ରାମର ବଳିଆ ସାମଲ, ମୁନା ସେଠୀ, ଲୋଚନ ପ୍ରଧାନ ଓ ଅନ୍ୟଜଣେ ନାବାଳକ। ସମ୍ପୃକ୍ତ ନାବାଳକଙ୍କ ବ୍ୟତୀତ ଅନ୍ୟ ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ କହିଛି, ଏକ ଠିକା କମ୍ପାନୀ ପରାବିଲ ଠାରେ ରେଲୱେ କାମ କରୁଥିବାବେଳେ ସୋମବାର କିଛି ପାଇପ୍ ଚୋରି ହୋଇଥିଲା। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୦୦/୨୧ରେ ମାମଲା ରୁଜୁ କରିବା ସହିତ ଶନିବାର ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୧୮।୯- ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଅଞ୍ଚଳର ଜଣେ ଦୁର୍ଘଟଣାଗ୍ରସ୍ତଙ୍କ ଶନିବାର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ମୃତକ ମୋଟଙ୍ଗା ଥାନା କୁରୁଣ୍ଟି ଗ୍ରାମର ଗଣେଶ୍ୱର ସାହୁ(୪୩) ବୋଲି ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, କଣ୍ଟାବଣିଆ ଥାନା ଅଞ୍ଚଳରେ ଥିବା ଏକ କମ୍ପାନୀରେ ଗଣେଶ୍ୱର ଠିକାଦାର ଭାବେ କାର୍ଯ୍ୟ କରୁଥିଲେ। ବିଶ୍ୱକର୍ମା ପୂଜାରେ ସେ କମ୍ପାନୀରୁ ଫେରୁଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ପରିତ୍ୟକ୍ତ କୂଅରୁ ମୃତଦେହ ଜବତ

ବଇଣ୍ଡା,୧୮।୯(ଡି.ଏନ.ଏ.)- କିଶୋରନଗର ଥାନା ଗୋରାତୋପା ନିକଟସ୍ଥ ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ କୂଅରୁ ଶନିବାର କିଶୋରନଗର ପୋଲିସ କରଡାଦାଦର ଗ୍ରାମର ନରୋତ୍ତମ ନାୟକ (୫୦)ଙ୍କ ମୃତଦେହ ଜବତ କରିଛି। ଏ ନେଇ ପୋଲିସ ନଂ. ୭/୧୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ମୃତଦେହ ଜବତ କରି ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପୋଲିସ କହିଛି, ନରୋତ୍ତମ ୮ ଦିନ ହେବ ଘରୁ ପଳାଇ ଆସିଥିଲେ। ସେ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ଥିବାବେଳେ ଗୋରାତୋପା ନିକଟସ୍ଥରେ ଥିବା ଜଙ୍ଗଲର ଏକ ପରିତ୍ୟକ୍ତ କୂଅରେ ପଡି ପ୍ରାଣ ହରାଇଛନ୍ତି। ତାଙ୍କ ମୃତଦେହ ଭାସୁଥିବା କେତେଜଣ ଗାଈ ଚରାଳି ଦେଖି ପୋଲିସକୁ ସୂଚନା ଦେଇଥିଲେ ।

### ବାପା, ମା, ଭଉଣୀଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୮।୯(ଡି.ଏନ.ଏ.)- ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଭାଗୀରଥୀପୁର ଗ୍ରାମର ସୁରଥ ପ୍ରଧାନ ତାଙ୍କ ସ୍ତ୍ରୀ ଚାରିତୁଳା ପ୍ରଧାନ, ଝିଅ ସସ୍ମିତା ବିଶାଳଙ୍କୁ ତାଙ୍କ ପୁଅ ଜୟରଥ ପ୍ରଧାନ ମାଡ଼ ମାରିଥିବା ଶନିବାର ଠାକୁରଗଡ ଥାନାରେ ସୁରଥ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ନମ୍ବର ୨୩୨/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସୁରଥଙ୍କ ସମ୍ପତ୍ତି ଭାଗବଣ୍ଟା କରାଯାଇଥିବା ବେଳେ ତାଙ୍କ ଝିଅକୁ ୧ ଲକ୍ଷ ୪୦ ହଜାର ଟଙ୍କା ଦେବାକୁ କହିଥିଲେ। ହେଲେ ଏଥିରେ ଜୟରଥ ଉତକ୍ଷିପ୍ତ ହୋଇ ସୁରଥ, ଚାରିତୁଳା, ସସ୍ମିତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଅଧେ ରହିଛି ଅଚଳ

- ୮୧ରୁ ୪୧ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ନାହିଁ
- ଜମିକୁ ପାଣି ମିଳୁ ନ ଥିବାରୁ ସମସ୍ୟାରେ ଚାଷୀ
- ଛେଣ୍ଡିପଦା ବ୍ଲକରେ ପୂରଣ ହୋଇପାରିଲାନି ଧାର୍ଯ୍ୟଲକ୍ଷ୍ୟ

ଛେଣ୍ଡିପଦା,୧୮।୯(ସ୍ୱ.ପ୍ର.)

ସ୍ୱଳ୍ପ ବୃଷ୍ଟି ପରି ସମସ୍ୟା ବେଳେ ଅଧିକ କାମରେ ଆସେ ଉଠା ଜଳସେଚନ ପ୍ରକଳ୍ପ। ଫସଲ ରକ୍ଷା ନିମନ୍ତେ ଚାଷୀଙ୍କ ପାଇଁ ଏହା ଏକ ବଡ଼ ବିକଳ୍ପ। ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଏହି ବ୍ୟବସ୍ଥା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚଳିତବର୍ଷ ଆବଶ୍ୟକ ପରିମାଣର ବର୍ଷା ହୋଇ ନ ଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଶତାଧିକ ହେକ୍ଟର ଜମି ପଡ଼ିଆ ପଡ଼ିଛି। ତେବେ ଯେଉଁ କେତେ ହେକ୍ଟରରେ ଧାନ ଚାଷ କରାଯାଇଛି ତାହାକୁ ପର୍ଯ୍ୟାପ୍ତ ପରିମାଣର ଜଳ ଯୋଗାଣ ହୋଇପାରୁ ନାହିଁ। କାରଣ ବ୍ଲକ ଅଞ୍ଚଳରେ ଥିବା ମୋଟ ୮୧ ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ଅଧା ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଛି। ଫଳରେ ସମସ୍ୟାରେ ପଡ଼ିଛନ୍ତି ସହସ୍ରାଧିକ ଚାଷୀ।

ଛେଣ୍ଡିପଦା ବ୍ଲକରେ ମୋଟ ୩୫ ହଜାର ୮୦୬ ହେକ୍ଟର ଚାଷ ଉପଯୋଗୀ



କଙ୍କରେଇ ଗ୍ରାମରେ ଅଚଳ ଅବସ୍ଥାରେ ଥିବା ଏକ ଉଠାଜଳସେଚନ ପ୍ରକଳ୍ପ।

ଜମି ରହିଛି। ସେଥିରୁ ୧୨ ହଜାର ୪୬୩ ହେକ୍ଟରରେ ଧାନ ଚାଷ ହୋଇଥାଏ। ୬ ହଜାର ୭୪୯ ହେକ୍ଟରରେ ବୁଣା ଓ ୫ ହଜାର ୭୧୪ ହେକ୍ଟରରେ ତଳି ରୁଆଯାଇଥାଏ। କିନ୍ତୁ ଚଳିତବର୍ଷ ଆବଶ୍ୟକ ବର୍ଷା ଅଭାବରୁ ଧାନ ଚାଷରେ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ଏପରି ସମୟରେ ଉଠାଜଳସେଚନ ପ୍ରକଳ୍ପ ଚାଷ କାର୍ଯ୍ୟକୁ ଆଗେଇ ନେଇଥାନ୍ତା। କିନ୍ତୁ ବ୍ଲକ ଅଞ୍ଚଳରେ ଥିବା ମୋଟ ୮୧ ପ୍ରକଳ୍ପ ମଧ୍ୟରୁ ୪୧ଟି ଅଚଳ ଅବସ୍ଥାରେ ରହିଛି। କାହାର ପାଇପ୍ ଫାଟିଯାଇଛି ତ ଆଉ କେଉଁ ପ୍ରକଳ୍ପର ବିଲ୍ ବାକି ରହିଥିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଆଉ କେତୋଟି ଆରମ୍ଭରୁ ହିଁ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏ ନେଇ ଚାଷୀମାନେ ଯେତେ ଅଭିଯୋଗ କଲେ ମଧ୍ୟ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଉ ନାହିଁ। କଙ୍କରେଇ ପଞ୍ଚାୟତର ଚାଷୀମାନଙ୍କ କହିବା ଅନୁଯାୟୀ, ଦେଢ ବର୍ଷ ତଳେ କଙ୍କରେଇ ଓ ଛୋଟବେରେଣୀ ଗ୍ରାମ ନାଳ ନିକଟରେ ୨ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିପାଇଁ ସରକାରଙ୍କ ପକ୍ଷରୁ ୮୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ ହୋଇଥିଲା। ବିଦ୍ୟୁତ୍ ବ୍ୟବସ୍ଥା ନିମନ୍ତେ ଏକ ୬୩ କେଭି କ୍ଷମତାର ଟ୍ରାନ୍ସଫର୍ମର ଲଗାଯାଇଥିଲା। ହେଲେ ଠିକାଦାର ଓ ବିଭାଗର କେତେଜଣ କର୍ମଚାରୀଙ୍କ ସଲାସୁତରା ଯୋଗୁ ନିମ୍ନମାନର କାର୍ଯ୍ୟ କରାଯାଇଛି। ଏହି କାରଣରୁ ଆରମ୍ଭରୁ ହିଁ ୨ଟି ଯାକ ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଛି। ଏତେ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ବୁନ୍ଦାଏ ଜଳ ଜମି ନିକଟକୁ ଯାଇପାରି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

#### ଖୁବ୍‌ଶୀଘ୍ର ମରାମତି କରାଯିବ

କଙ୍କରେଇ ପଞ୍ଚାୟତରେ ଥିବା ୨ଟି ପ୍ରକଳ୍ପ ମଧ୍ୟରୁ ଗୋଟିଏ କାର୍ଯ୍ୟକ୍ଷମ ରହିଛି। ଅନ୍ୟଟି ପାଇପ୍ ଫାଟିଯିବାରୁ ଅଚଳ ହୋଇପଡିଛି। ଏ ନେଇ ସମ୍ପୃକ୍ତ ଠିକାଦାରଙ୍କୁ ବାରମ୍ବାର କୁହାଯାଇଛି। ମାତ୍ର ସେ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟ କରୁନାହାନ୍ତି। ଖୁବ୍‌ଶୀଘ୍ର ବ୍ଲକ ଅଞ୍ଚଳର ଅଚଳ ପ୍ରକଳ୍ପଗୁଡ଼ିକ ମରାମତି କରାଯିବ।

-ନିୟୁଟନ କୁମାର ଟୁଡୁ, ଯନ୍ତ୍ରୀ, ଉଠାଜଳସେଚନ ବିଭାଗ

#### ପ୍ରକଳ୍ପ ଥାଇ ଜମି ପଡ଼ିଆ



କଙ୍କରେଇ ଗ୍ରାମରେ ଥିବା ଉଠା ଜଳସେଚନ ପ୍ରକଳ୍ପ ନିକଟରେ ଏକର ଏକର ଜମି ରହିଛି। କିନ୍ତୁ ଜମିକୁ ପାଣି ମିଳୁ ନ ଥିବାରୁ ଚଳିତବର୍ଷ ସେସବୁ ପଡିଆ ପଡିଛି। ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନମୁଖି ନୀତି ପାଇଁ ଗୁଜୁରାଣ ମେଣ୍ଟାଇବା ଚାଷୀମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି।

-ବାଲ୍ ପ୍ରଧାନ, ଚାଷୀ, କଙ୍କରେଇ

#### ବୁନ୍ଦାଏ ପାଣି ମିଳୁନି



୨ଟି ପ୍ରକଳ୍ପ ପାଇଁ ବହୁ ଅର୍ଥ ବ୍ୟୟରେ ଗଭୀର ନଳକୂପ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ଆଦି ବସାଯାଇଥିଲେ ମଧ୍ୟ ସେଥିରୁ ବୁନ୍ଦାଏ ପାଣି ଉଠାଯାଇପାରୁନି। ଦୀର୍ଘ ଦେଢ଼ ବର୍ଷ ମଧ୍ୟରେ ଚାଷୀମାନେ ଅନେକଥର ଏ ନେଇ ଅଭିଯୋଗ କରିଛନ୍ତି। କିନ୍ତୁ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଚାଷୀମାନେ ନିରାଶ ହୋଇଛନ୍ତି।

-ପୂର୍ଣ୍ଣଚନ୍ଦ୍ର ସାହୁ, ଚାଷୀ, କଙ୍କରେଇ

#### କାର୍ଯ୍ୟକ୍ଷମ ନ ହୋଇ ଆସୁଛି ବିଲ୍



ଚଳିତବର୍ଷ ବର୍ଷା ଠିକ୍ ଭାବେ ହେଲାନାହିଁ ଭାବିଥିଲୁ ଉଠାଜଳସେଚନ ପ୍ରକଳ୍ପରୁ ପାଣି ମିଳିଯିବ। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁ ପ୍ରକଳ୍ପ ପାଇପ୍ ଫାଟିଯାଇଛି। ଏପରି କି ବିଦ୍ୟୁତ୍ ବ୍ୟବହାର ନ କରି ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବିଲ୍ ବକେୟା ରହିଛି ବୋଲି କୁହାଯାଉଛି। ଅଧିକାରୀମାନଙ୍କୁ ଜଣାଇଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ।

-ସତ୍ୟବାଦୀ ପ୍ରଧାନ, ଗ୍ରାମ ସଭାପତି

#### ଅକ୍ଟୋବର ମଧ୍ୟରେ କାର୍ଯ୍ୟକ୍ଷମ



ବ୍ଲକ ଅଞ୍ଚଳରେ ଅଚଳ ଥିବା ୪୧ ପ୍ରକଳ୍ପ ମଧ୍ୟରୁ ୧୮ଟିର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ତେବେ ପରିସ୍ଥିତିକୁ ଦେଖି ଅକ୍ଟୋବର ମାସ ମଧ୍ୟରେ ସେସବୁ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯିବ। ଅନ୍ୟ କାରଣରୁ କାର୍ଯ୍ୟକ୍ଷମ ନ ଥିବା ୨୩ ପ୍ରକଳ୍ପକୁ ପାଣି ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରାଯାଇ ସମାଧାନ କରାଯିବ।

-ବିନୋଦ କୁମାର ଦଳେଇ, ବ୍ଲକ କୃଷି ଅଧିକାରୀ

## ଗ୍ରାହକଙ୍କୁ ପିଟିଲେ ହୋଟେଲ କର୍ମଚାରୀ

ଅନୁଗୋଳ ଅଫିସ, ୧୮।୯

ଅନୁଗୋଳ ସହରର ଏକ ପ୍ରତିଷ୍ଠିତ ହୋଟେଲରେ ଶନିବାର ଗଣ୍ଡଗୋଳ ହୋଇଛି। ସମ୍ପୃକ୍ତ ହୋଟେଲ କର୍ମଚାରୀ ମିଳିମିଶି ଗ୍ରହକଙ୍କୁ ଲୁହାରଡ଼ରେ ପିଟି ଦରମରା କରିଥିବା ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୪୭୨/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଉକ୍ତ ହୋଟେଲରେ ଏକ ଭୋଜିର ଆୟୋଜନ ହୋଇଥିଲା। ତେବେ ଖାଦ୍ୟକୁ ନେଇ ହଠାତ୍ ଗ୍ରାହକ ରାହୁଲ କୁମାର ସରଳିଆ ହୋଟେଲ ମ୍ୟାନେଜରଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣିବା କ୍ଷଣି ହୋଟେଲର ମ୍ୟାନେଜରଙ୍କ ସହ ଅନ୍ୟ କର୍ମଚାରୀମାନେ ରାହୁଲଙ୍କୁ ଗାଳିଗୁଲଜ କରିଥିଲେ। ପରେ ହୋଟେଲ କର୍ମଚାରୀମାନେ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଏ ନେଇ ରାହୁଲଙ୍କ ଭାଇ ଅନିଲ କୁମାର ସରଳିଆ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ଦାୟିତ୍ୱରେ ଥିବା ପ୍ରଶାନ୍ତ କୁମାର ପ୍ରଧାନ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣା ସମ୍ପର୍କରେ ହୋଟେଲ ମାଲିକ କହିଛନ୍ତି, ଗ୍ରାହକମାନେ ମଦ୍ୟପାନ କରି ଗଣ୍ଡଗୋଳ କରିଥିଲେ। କର୍ମଚାରୀଙ୍କ କୌଣସି ଭୁଲ ନାହିଁ। ପୋଲିସ ତଦନ୍ତ କରୁଥିବାରୁ ଯାହାର ଭୁଲ ଥିବ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ହୋଟେଲ ମାଲିକ ପ୍ରକାଶ କରିଛନ୍ତି।

## ଭାଷା ସମ୍ପର୍କରେ ଆଲୋଚନା




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ ଅଫିସ, ୧୮।୯

ଅନୁଗୋଳଜିଲା ଶିଳ୍ପକେନ୍ଦ୍ର ସମ୍ମିଳନୀ କକ୍ଷରେ ଜାତୀୟ ହିନ୍ଦୀ ଦିବସ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଡାକ୍ତର ସତ୍ୟନାରାୟଣ ସିଂହସାମନ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ହିନ୍ଦୀ ଭାଷାକୁ ସମସ୍ତେ ଭଲପାଇବା ପାଇଁ ଆହ୍ୱାନ ଦେଇଥିଲେ। ଯୁବକେନ୍ଦ୍ରର ପ୍ରଦୀପ କୁମାର, ଜିଲା ଖାଉଟି କଲ୍ୟାଣ ବିଭାଗ କମିଶନର କଲ୍ୟାଣ କିଶୋର ମହାନ୍ତି, ଜିଲା ଶିଶୁ ସୁରକ୍ଷା କମିଟି ପ୍ରାକ୍ତନ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ଜ୍ୟୋତ୍ସ୍ନାପ୍ରିୟା ବେହେରା ଯୋଗଦେଇ ଭାଷା ଓ ଜନସାଧାରଣଙ୍କ ଆବଶ୍ୟକତା ସମ୍ପର୍କରେ କହିଥିଲେ। ସାମାଜିକ କର୍ମୀ ଅନନ୍ତ ଚରଣ ନାୟକ ଉପସ୍ଥିତ ଥିଲେ। ଅନିଲ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ତଦନ୍ତ ଆରମ୍ଭ କଲେ ଏଡିଏମ୍ଓ

ଅନୁଗୋଳ ଅଫିସ, ୧୮।୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବୁଧବାର ବିଳମ୍ବିତ ରାତିରେ ସ୍ତ୍ରୀ ଲଳିତାଙ୍କ ଚିକିତ୍ସା ପାଇଁ ଆସିଥିବା ଢେଙ୍କାନାଳର ନୟା ବେହେରାଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଆଇସୋଲେଶନ ୱାର୍ଡ ଦାୟିତ୍ୱରେ ଥିବା ନର୍ସ ଓ ସହାୟକ କର୍ମଚାରୀ ରୁମ୍‌ରେ ଶୋଇଥିଲେ ମଧ୍ୟ ନୟାଙ୍କ ସହାୟତା ପାଇଁ ଆସି ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ଶୁକ୍ରବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ୱାସ୍ଥ୍ୟ ପ୍ରଶାସନକୁ ତାଗିଦ୍ କରିଥିଲେ। ଘଟଣାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ଏଡିଏମ୍ଓଙ୍କୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଶନିବାର ଏଡିଏମ୍ଓ ମାନସ ରଞ୍ଜନ ବିଶ୍ୱାଳ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମେଡିକାଲରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଡ୍ୟୁଟିରେ ଥିବା କର୍ମଚାରୀଙ୍କୁ ଡାକି ପଚରା ଉଚରା କରିଛନ୍ତି। କିନ୍ତୁ ତଦନ୍ତ ପୂର୍ବରୁ ମେଡିକାଲରେ ଦଲାଲି କରୁଥିବା ଜଣେ ବ୍ୟକ୍ତି ଏଡିଏମ୍ଓଙ୍କୁ ଭେଟିବା ଚର୍ଚ୍ଚାର ବିଷୟ ହୋଇଛି। ସେ ଠିକା କର୍ମଚାରୀଙ୍କ ସପକ୍ଷରେ ସଫେଇ ଦେବା ସହ ଜାଣିଶୁଣି ମେଡିକାଲକୁ ବଦ୍‌ନାମ୍ କରିବାକୁ ଚକ୍ରାନ୍ତ କରାଯାଉଥିବା ସଫେଇ ଦେଇଥିବା କୁହାଯାଉଛି। ଘଟଣା ସମ୍ପର୍କରେ ସିଡିଏମ୍ଓ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଛନ୍ତି, ଘଟଣାର ତଦନ୍ତ ଏଡିଏମ୍ଓ (ମେଡିକାଲ) କରୁଛନ୍ତି। ସୋମବାର ରିପୋର୍ଟ ପ୍ରଦାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ବଢୁଛି ଚୋରା ମଦ କାରବାର

ବଇଣ୍ଡା,୧୮।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଅନ୍ତର୍ଗତ ଠାକୁରଗଡ, ମଇମୁରା, କନ୍ତପଡା, ଆମ୍ବସରମୁଣ୍ଡା, ସନହୁଲା, ପେଡିପଥର, କୃତ୍ତିବାସପୁର, ପାଇକସାହି, ସାପଘରା ଆଦି ପଞ୍ଚାୟତରେ କିଛିଦିନ ହେବ ଚୋରା ବିଦେଶୀ ଓ ଦେଶୀ ମଦ କାରବାର ହେଉଥିବା ଅଭିଯୋଗ ହୋଇଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଠିକ୍ ସମୟରେ ଚଢ଼ାଉ କରାଯାଉ ନ ଥିବା ଯୋଗୁ ଏହି କାରବାର ବଢୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା କେତୋଟି ପାନ, ତେଜରାତି ଦୋକାନ ସହ ହୋଟେଲରେ ଏହି ବେଆଇନ କାରବାର ଚାଲିଛି। ଅବକାରୀ ବିଭାଗର କେତେଜଣ କର୍ମଚାରୀଙ୍କୁ ମାସିକିଆ ହାତ ଗୁଞ୍ଜା ଦେଇ ଚୋରା ବେପାରୀମାନେ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ ହେଲେ ବିଭାଗ ପକ୍ଷରୁ କେଉଁଠି କେମିତି କାଁ ଭାଁ ଚଢାଉ କରାଯାଉଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଠାକୁରଗଡ ଥାନା ଆଇଆଇସି ପୀତାମ୍ବର ମଲ୍ଲିକ କହିଛନ୍ତି, ବିଭାଗ ପକ୍ଷରୁ ଚଢାଉ କରାଯାଇ ମଦ ଜବତ କରିବା ସହ ବ୍ୟବସାୟୀଙ୍କୁ ଗିରଫ କରାଯାଉଛି।

## 'ଘରୋଇ ସ୍କୁଲ ଭୂମିକା ଗୁରୁତ୍ୱପୂର୍ଣ୍ଣ'




ଅନୁଗୋଳ ଜିଲା ଘରୋଇ ସ୍କୁଲ ସଂଘର ବାର୍ଷିକ ସମ୍ମିଳନୀ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ, ୧୮।୯

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ଏକ ଘରୋଇ ସ୍କୁଲ ପରିସରରେ ଅନୁଗୋଳ ଜିଲା ଘରୋଇ ସ୍କୁଲ ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଶାନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ପଣ୍ଡିତ ମହେଶ ସାହୁ ଯୋଗଦାନ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ସଂସ୍କାରମୂଳକ ଶିକ୍ଷାଦାନ କ୍ଷେତ୍ରରେ ଘରୋଇ ସ୍କୁଲ ଗୁଡିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ସାହୁ ତାଙ୍କ ଅଭିଭାଷଣରେ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଘରୋଇ ସ୍କୁଲ ସଂଘ ସଭାପତି ସତ୍ୟନାରାୟଣ ମିଶ୍ର ଯୋଗଦେଇ କହିଲେ, ବର୍ତ୍ତମାନ ମହାମାରୀ କରୋନା ସମୟରେ ଘରୋଇ ସ୍କୁଲ ଗୁଡିକ ଅତ୍ୟନ୍ତ କଠୋର ପରିସ୍ଥିତି ଦେଇ ଗତି କରୁଛନ୍ତି। କିନ୍ତୁ ସରକାର ଘରୋଇ ସ୍କୁଲଗୁଡିକ ପ୍ରତି ଅଣଦେଖା କରିବା ଭଳି ମନେ ହେଉଛି। ସମ୍ମାନିତ ଅତିଥି ଭାବେ ସଂଘ ସମ୍ପାଦକ ସୁଧାଂଶୁ ଶେଖର ସାମନ୍ତ ସିଂହାର ଓ କୋଷାଧ୍ୟକ୍ଷ ଅଭିମନ୍ୟୁ ନାୟକ ଯୋଗଦେଇ ସଂଘକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ରାଜ୍ୟ ସଂଯୋଜକ ମନୋରଞ୍ଜନ ଗଡନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଘ ସାଧାରଣ ସମ୍ପାଦକ ରାମାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଜିଲାର ୮ଟି ବ୍ଲକର ସମସ୍ତ ଘରୋଇ ସ୍କୁଲ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଅନୁଗୋଳ ଜିଲା ନୋଡାଲ ସ୍କୁଲ ଅଧ୍ୟକ୍ଷ ଆଶିଷ କୁମାର ପ୍ରଧାନଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମକର୍ତ୍ତା ସହଯୋଗ କରିଥିଲେ। ଜିଲା ସଂଘ ଓ ଅନୁଗୋଳ ବ୍ଲକ ସଂଘ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକଙ୍କୁ ମାଡ଼, ୨ ଗିରଫ

ଅନୁଗୋଳ ଅଫିସ, ୧୮।୯

ଅନୁଗୋଳ ସଦର ଥାନା ଖଲାରୀ ଠାରେ ଏକ ମାରପିଟ ଘଟଣାରେ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ସଦର ଥାନାରେ ବଗା ଗଡ଼ନାୟକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ବୁବୁ ଭଞ୍ଜ ଓ ସିଲୁ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିବା ତଦନ୍ତକାରୀ ଅଧିକାରୀ ତୁଷାରକାନ୍ତ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଖଲାରୀର ବଗାଙ୍କୁ ପ୍ରଥମେ ବୁବୁ ଓ ସିଲୁ ଗାଡ଼ିରେ ସାଇଡ୍ ମାରିଥିଲେ। ସେ ପ୍ରତିବାଦ କରିବାରୁ ଦୁହେଁ ତାଙ୍କୁ ନିର୍ଘାତ ପିଟିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ୨୨ରେ ରେଞ୍ଜ ଅଫିସ ଘେରାଉ

ବଇଣ୍ଡା,୧୮।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ବାମୁର ରେଞ୍ଜର ବିଭିନ୍ନ ଗ୍ରାମରେ କିଛି ଦିନ ହେବ ହାତୀ ଉପଦ୍ରବ ଲାଗିରହିଛି। ବାରମ୍ବାର ହାତୀପଲ ଉପଦ୍ରବ କରୁଥିଲେ ମଧ୍ୟ ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଆସନ୍ତା ୨୨ ତାରିଖରେ ବାମୁର ରେଞ୍ଜ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଶନିବାର କିଶୋରନଗର ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଜଏରାଟ ନିକଟରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅନନ୍ତ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୀତାମ୍ବର ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, କୈଳାସ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ଚେରୁ ପ୍ରଧାନ, ରବୀନ୍ଦ୍ର ସାହୁ, ଗୌରଚନ୍ଦ୍ର ସାହୁ, ବାବାଜୀ ଚରଣ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ସେମାନେ କହିଥିଲେ, ବାମୁର ରେଞ୍ଜ ଅଞ୍ଚଳରେ ବହୁଦିନ ଧରି ହାତୀ ଉପଦ୍ରବ ଲାଗି ରହିଛି। ଏଥିଯୋଗୁ ଧାନ ଚାଷ ସହ ପନିପରିବା ଚାଷ ନଷ୍ଟ ହୋଉଛି। କିନ୍ତୁ ବନ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଏପରିକି କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ମିଳୁନାହିଁ। ଏ ନେଇ କମିଟି ପକ୍ଷରୁ ଆନ୍ଦୋଳନ କରିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି ।



ବୈଠକରେ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ।

## ସବୁ ସ୍ୱାସ୍ଥ୍ୟକେନ୍ଦ୍ର ପାଇବ ନୂଆ ରୂପ

### ପଞ୍ଚ ବାର୍ଷିକ ଯୋଜନାକୁ ଅନୁମୋଦନ

ଅନୁଗୋଳ ଅଫିସ, ୧୮।୯

ଅନୁଗୋଳ ଜିଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ଉନ୍ନତୀକରଣ କରାଯିବ। ସ୍ୱାସ୍ଥ୍ୟକେନ୍ଦ୍ରରୁ ଏହାକୁ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ରୂପାନ୍ତରିତ କରାଯିବ। ୨୦୨୩ ସୁଦ୍ଧା ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏପରି ନବରୂପ ଦିଆଯିବ ବୋଲି ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ପଞ୍ଚଦଶ ଆର୍ଥିକ କମିଟିର ପଞ୍ଚବାର୍ଷିକ ଯୋଜନା ଅନୁମୋଦନ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ଉକ୍ତ ଯୋଜନାକୁ ଅନୁମୋଦନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନଙ୍କ ପରାମର୍ଶ କ୍ରମେ ଜିଲା ପ୍ରକଳ୍ପ ପରିଚାଳନ (ଡିପିଏମ୍) ବିଶ୍ୱରଞ୍ଜନ ରଥ ୨୦୨୧–୨୨ ଆର୍ଥିକ ବର୍ଷର ଯୋଜନା ଉପସ୍ଥାପନ କରିଥିଲେ। ଜିଲା ପାଇଁ ମୋଟ ୩ କୋଟି ୮୪ ଲକ୍ଷ ୭୫ ହଜାର ଟଙ୍କା ଅନୁମୋଦନ କରାଯାଇଛି।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ସେଥିମଧ୍ୟରୁ ୭୭ ପ୍ରତିଶତ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ସେବା ଓ ୨୩ ପ୍ରତିଶତ ସହରାଞ୍ଚଳ ସ୍ୱାସ୍ଥ୍ୟସେବା ପାଇଁ ବିନିଯୋଗ କରାଯିବ। ଗ୍ରାମାଞ୍ଚଳରେ ଥିବା ଉପସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିକୁ ଉନ୍ନତି କରାଯିବା ସହ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ରୂପାନ୍ତରିତ କରାଯିବ। ଚଳିତ ଆର୍ଥିକ ବର୍ଷରେ ୬୫ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆରୋଗ୍ୟ କେନ୍ଦ୍ର କରାଯିବ। ତାଳଚେର ପୌରପାଳିକା ଅଞ୍ଚଳରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଖୋଲାଯିବ। ଏଥିପାଇଁ ୭୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିଭଳି ରୋଗ ନିରୂପଣକୁ ମଧ୍ୟ ସୁଦୃଢ଼ୀକରଣ କରାଯିବ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ ପ୍ରକାର ଓ ଉପପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୩ ପ୍ରକାର ରୋଗ ନିରୂପଣ କରାଯିବ। ଏହି ସମସ୍ତ କାର୍ଯ୍ୟ ୨୦୨୨ ସୁଦ୍ଧା ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପିଡି ଦିଲୀପ ସାହୁ, ଜିଲା ପଞ୍ଚାୟତ ଅଧିକାରୀ ଗୌରବ ସିଂହ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ତାଳଚେର ପୌର ନିର୍ବାହୀ ଅଧିକାରୀ ରଶ୍ମିରେଖା ଅମାନ୍ତ, ଡିଏମ୍ଆର୍‌ସିଏଚ୍ ସୂର୍ଯ୍ୟ ପ୍ରତାପ ମାନସିଂହ, ଜାମୁନାଳୀ ସରପଞ୍ଚ ପ୍ରମିଳା ନାୟକ, ଅଙ୍ଗାରବନ୍ଧ ସରପଞ୍ଚ ବସନ୍ତ କୁମାର ମାହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ୬ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୮।୯

ଅନୁଗୋଳ ଜିଲାରୁ ୬ ଜଣ କରୋନା ପଜିଟିଭ୍ ଶୁକ୍ରବାର ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୨୫୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତମାନଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ୨ ଜଣ, ବଣ୍ଣରପାଳ ବ୍ଲକରୁ ୨, ଅନୁଗୋଳ ବ୍ଲକରୁ ଜଣେ ଓ ତାଳଚେର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୭ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ପ୍ରତାରଣା ଅଭିଯୁକ୍ତ ଗିରଫ

ଖମାର,୧୮।୯(ଡି.ଏନ.ଏ.)

ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ଓ ଗର୍ଭବତୀ ହେବା ପରେ ବିବାହ ପାଇଁ ମନା କରିବା ଅଭିଯୋଗରେ ପାଲଲହଡ଼ା ବ୍ଲକ ଖମାର ଥାନା ସାପଝରା ଗ୍ରାମର ସୁବ୍ରତ କୁମାର ସାହୁ(୨୩)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଯୁବତୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଥାନାରେ ନଂ. ୧୭୦/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଖମାର ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

